# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ଜୁଲାଇ ୨୦୨୪

----

[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଶିଳ୍ପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଛାତ୍ରଛାତ୍ରୀ ତୁଳନାରେ ଶିକ୍ଷକ ନିଯୁକ୍ତି

***୨୧ ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଶିକ୍ଷା ଜିଲ୍ଲା ଅଧିନସ୍ଥ ସିମୁଳିଆ ଓ ଖଇରା ବ୍ଲକରେ କେତେଗୋଟି ପ୍ରାଥମିକ ଓ କେତୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଛି; ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରତି ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଧ୍ୟୟନ ନିମନ୍ତେ କେତେଜଣ ଶିକ୍ଷକ/ ଶିକ୍ଷୟତ୍ରୀ ରହିବା କଥା; ଯଦି ନିୟମ ଅନୁସାରେ ଶିକ୍ଷକ ଅଭାବ ଅଛନ୍ତି ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି କେବେସୁଦ୍ଧା ଶିକ୍ଷକ ନିଯୁକ୍ତି କରିବେ ତାହା ଜଣାଇବେ କି ?

----

### ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସର ସ୍ଥିତି

***୨୨ ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ବଡଚଣା ବ୍ଲକରେ ନିର୍ମାଣର ବର୍ତ୍ତମାନ ସ୍ଥିତି କ'ଣ, ଏହା କେବେସୁଦ୍ଧା ପୂର୍ଣାଙ୍ଗ ହୋଇ ଅଧ୍ୟାପନା କାର୍ଯ୍ୟ ଆରମ୍ଭ ହେବ ଓ ଏଠାରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ତାହାର ତଦନ୍ତ ପାଇଁ ବ୍ୟବସ୍ଥା କରିବେ କି ?

----

**ଓଡିଶାରେ ଥିବା ଶିଳ୍ପ କାରଖାନା**

***୨୩ ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 5 ବର୍ଷ ଭିତରେ ଓଡିଶାକୁ କେତେ ଶିଳ୍ପ କାରଖାନା ଏବଂ କମ୍ପାନୀ ଆସିଛନ୍ତି, ଗତ 5 ବର୍ଷ ମଧ୍ୟରେ ତାଙ୍କୁ କଣ ସବୁ ପ୍ରୋତ୍ସାହନ (ଜମି, ସ୍ଥାନ,ପାଣି) ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଦିଆହୋଇଛି ସେଥିରେ କେତେ ଓଡିଶାର ଯୁବକ ଯୁବତୀ କାମ କରୁଛନ୍ତି ଏହାର ଉତ୍ତର ରଖିବେ କି ?

----

**ଆବାସିକ ଶିକ୍ଷାର ସୁଯୋଗ ସୃଷ୍ଟି**

***୨୪ ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପଛୁଆବର୍ଗ ବିଦ୍ୟାର୍ଥୀମାନେ ଅଧାରୁ ପାଠ ଛାଡୁଥିବା ପରିପ୍ରେକ୍ଷୀରେ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଞ୍ଜ, ବୌଦ୍ଧ ଆଦି ଜିଲ୍ଲାରେ ଓବିସି ବିଦ୍ୟାର୍ଥୀମାନଙ୍କ ପାଇଁ ଆବାସିକ ଶିକ୍ଷାର ସୁଯୋଗ ସୃଷ୍ଟି ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

**ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ**

***୨୫ ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମଗ୍ର ରାଜ୍ୟରେ କ୍ରୀଡାର ବିକାଶ ଓ କ୍ରୀଡାବିତ୍ ମାନଙ୍କର ବହୁବିଧ ଉନ୍ନତି ପାଇଁ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମ ପ୍ରତିଷ୍ଠା କରାଯାଇଥିବାବେଳେ ବସ୍ତା ନିର୍ବାଚନ ମଣ୍ଡଳୀ ଏଥିରୁ ବାଦ୍ ପଡିଛି, ଆବଶ୍ୟକତା ଦୃଷ୍ଟିରୁ ବସ୍ତା ନିର୍ବାଚନ ମଣ୍ଡଳୀରେ ଏକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି, ଯଦି ଅଛି ତେବେ ତାହା କେବେ କାର୍ଯ୍ୟକ୍ଷମ ହେବ ?

----

**ବନଦେବୀ ITIକୁ ସରକାରୀ ମାନ୍ୟତା**

***୨୬ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରଠାରେ ଅତିପୁରୁଣା ବନଦେବୀ ITI କୁ ସରକାରୀ ମାନ୍ୟତା ଦେବାପାଇଁ ପଦକ୍ଷେପ ନେବେ କି ?

----

## Old Age Home ପ୍ରତିଷ୍ଠା

***97 ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସରକାରଙ୍କ ତରଫରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ ପ୍ରତିଷ୍ଠା କରିବାର ଯୋଜନା ରହିଛି କି; ଏହି ଅଞ୍ଚଳରେ ବୟଷ୍କ ଲୋକଙ୍କ ପାଇଁ OLD Age Home ପ୍ରତିଷ୍ଠା କରିବା ଦିଗରେ ସରକାର ପଦକ୍ଷେପ ନେବେ କି ?

----

## ରାଜ୍ୟରେ ହିନ୍ଦିଶିକ୍ଷା ପ୍ରବର୍ତ୍ତନ ପାଇଁ ବ୍ୟବସ୍ଥା

***98 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉଚ୍ଚ ପ୍ରାଥମିକସ୍ତରରୁ ହିନ୍ଦିଶିକ୍ଷା ପ୍ରବର୍ତ୍ତନ ପାଇଁ ବ୍ୟବସ୍ଥା ସହ ହିନ୍ଦୀ ଶିକ୍ଷକ ନିୟୋଜନ ନିମନ୍ତେ କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ଦାବୀ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଖାଲିଥିବା ଅଧ୍ୟାପକ ପଦବୀ ପୂରଣ

***99 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Aided ଡିଗ୍ରୀ ମହାବିଦ୍ୟାଳୟ ସଂଖ୍ୟା କେତେ ଓ ସେଗୁଡିକରେ ମୋଟ ଅଧ୍ୟାପକ ପଦ (Approved Post) କେତେ ଖାଲିଅଛି ; ସେଗୁଡିକ କେବେ ପୂରଣ କରାଯିବ ସରକାରଙ୍କ ସର୍ବଶେଷ ନିଯୁକ୍ତି ପ୍ରକ୍ରୀୟାର ଅଗ୍ରଗତି କେଉଁ ସ୍ତରରେ ?

----

## ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା

***100 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ନୂତନ ଛାତ୍ରାବାସ ନିର୍ମାଣ ପାଇଁ ପ୍ରସ୍ତାବ

***101 ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାର ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ହରିଜନ ଛାତ୍ରଛାତ୍ରୀମାନଙ୍କ ପାଇଁ କେତୋଟି ଉଚ୍ଚବିଦ୍ୟାଳୟ ମାନଙ୍କରେ ଛାତ୍ରାବାସର ବ୍ୟବସ୍ଥା ଅଛି, ନିକଟ ଭବିଷ୍ୟତରେ ଆଉ କେତୋଟି ନୂତନ ଛାତ୍ରାବାସ ନିର୍ମାଣ କରିବା ପାଇଁ ସରକାରଙ୍କର ଯୋଜନା ଅଛି କି ?

----

## Development of Barabati Stadium

*102 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What are the detailed plans for the up-gradation and redevelopment of Barabati Stadium, including specific infrastructure improvements and modern amenities to be added if a vision document has been approved, could a detailed information of the same be shared, (b)what is the timeline for each phase of the upgrade, and what measures are being taken to ensure the timely completion of the project, what is the plan for rolling out tenders for the project, including the budget and timeline for each item ?

----

## ପଦ୍ମପୁର ଠାରେ କର୍ମ ନିୟୋଜନ କାର୍ଯ୍ୟାଳୟ ଖୋଲିବା

*103 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଦ୍ମପୁର ସହର ଠାରେ ଏକ କର୍ମ ନିୟୋଜନ କାର୍ଯ୍ୟାଳୟ ବହୁତ ଦିନରୁ କାର୍ଯ୍ୟ କରୁଥିଲା ତାକୁ ବରଗଡ ଜିଲ୍ଲା ସଦର ମହକୁମାକୁ ସ୍ଥାନାନ୍ତରିତ କରାଯାଇଛି ଯଦ୍ୱାରା ଏ ଅଞ୍ଚଳର ବହୁତ ଶିକ୍ଷିତ ଯୁବକ ଯୁବତୀ ଅସୁବିଧାରେ ପଡୁଛନ୍ତି, ଏହାକୁ ପୁନଃ ପଦ୍ମପୁର ଠାରେ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେବେ କି ?

----

## ପୁରୀ ଜିଲ୍ଲାରେ ଥିବା ବୃଦ୍ଧାଶ୍ରମ

*104 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପୁରୀ ଜିଲ୍ଲାରେ କେଉଁ କେଉଁ ଠାରେ ବୃଦ୍ଧାଶ୍ରମ ପରିଚାଳିତ ହେଉଛି ଓ ଏଥି ପାଇଁ ୨୦୨୧-୨୦୨୨, ୨୦୨୨-୨୦୨୩, ୨୦୨୩-୨୦୨୪ ଆର୍ଥିକ ବର୍ଷରେ କେଉଁ କେଉଁ ସଂସ୍ଥାକୁ କେତେ ଟଙ୍କା ଦିଆଯାଇଛି ଏବଂ ବୃଦ୍ଧ, ବୃଦ୍ଧାମାନଙ୍କର ଖାଇବା ବାବଦକୁ ଓ ଅନ୍ୟ କେଉଁ ବାବଦକୁ କେତେ ଟଙ୍କା ବ୍ୟୟ କରାଯାଇଛି; (ଖ) ଗୋପ ବ୍ଲକ ଅନ୍ତର୍ଗତ ବାଙ୍ଗର ମୌଜାରେ ନବ ନିର୍ମିତ ଶ୍ରଦ୍ଧାଳୟ (Integrated Infrastructure Complex)ରେ କେଉଁ ଶ୍ରେଣୀର କେତେଜଣ ବ୍ୟକ୍ତିଙ୍କୁ ସୁବିଧା ଉପଲବ୍ଧ ହେଉଛି ଏବଂ ପରିଚାଳନା କେଉଁ ସଂସ୍ଥାକୁ ଦିଆଯାଇଛି ?

----

## ଖାଲିଥିବା ପିଅନ ଆଟେଣ୍ଡାଣ୍ଟ ପଦବୀ ପୂରଣ

***105 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ସରକାରୀ ଓ ଆଡେଡ୍ ହାଇସ୍କୁଲ ଗୁଡ଼ିକରେ ପିଅନ୍ ବା ଆଟେଣ୍ଡାଣ୍ଟ ପଦ କେତେ ସଂଖ୍ୟାରେ ଖାଲି ପଡ଼ିଛି, ଏହିସବୁ ପଦ ପୂରଣ କରିବା ନିମନ୍ତେ ସରକାର କିଛି ପଦକ୍ଷେପ ନେଉଛନ୍ତି କି ?

----

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ

***106 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମଂଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ନୂତନ ଶିଳ୍ପ କରିଡର ଗଠନ

***107 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କି ନିର୍ବାଚନ ମଣ୍ଡଳୀର ନୂତନ ଶିଳ୍ପ କରିଡର ରାମଦାସ ପୁର ଠାରେ ଗଠନ ହେବା ପରେ ବାଙ୍କି Sub-division ଏବଂ ବାରଙ୍ଗ ଅଞ୍ଚଳ ରୁ କେତେ ପରିମାଣର Skilled ଏବଂ un-skilled ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆ ଯାଇଛି ଜଣାଇବେ କି ?

----

## ଆଶ୍ରମ ସ୍କୁଲ upgradation କରି High School କରିବା

***108 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଶ୍ରମ ବିଦ୍ୟାଳୟରୁ ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କର ଆବଶ୍ୟକତା ଅନୁଯାୟୀ ଛାତ୍ରାବାସ ଥିବା ଆଶ୍ରମ ଉଚ୍ଚବିଦ୍ୟାଳୟ ନଥିବାରୁ ବହୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି, ଏହି ଆଶ୍ରମ ବିଦ୍ୟାଳୟ ଗୁଡ଼ିକୁ up-gradation କରି ହାଇସ୍କୁଲ କରିବା ବା ନୂତନ ହାଇସ୍କୁଲ ଖୋଲିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

----

## ମଧୁବନ ମିନି ଷ୍ଟାଡିୟମର ପୁନରୁଦ୍ଧାର

***109 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଅବସ୍ଥିତ ମଧୁବନ ମିନି ଷ୍ଟାଡିୟମଟି ଗଡଜାତ ଶାସନ ଅମଳରୁ ରାଜ୍ୟର ଏକ ପ୍ରମୁଖ ଖେଳପଡିଆ ଭାବେ ଆଦୃତ ହୋଇ ଆସିଥିବ ଏବଂ ପୂର୍ବ ସରକାର ଅମଳରେ ଏହି ଖେଳପଡିଆ ଭିତରେ ଏକ ହେଲିପ୍ୟାଡ ଓ ସଭାସ୍ଥଳୀ ନିର୍ମାଣ ଯୋଗୁଁ ଏହା ନଷ୍ଟ ହୋଇଯାଇଥିବା ଓ ଏବେ ଖେଳ ଉପଯୋଗୀ ନଥିବା କଥା ସରକାର ଜାଣନ୍ତି କି, ଯଦି 'ହଁ' ତେବେ ଏହାର ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ବୈଷୟିକ ଶିକ୍ଷାନୁଷ୍ଠାନରେ placement ହାର

*110 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତୋଟି କି ପ୍ରକାର ସରକାରୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ରହିଛି ଓ ସେ ସବୁରେ ନିଯୁକ୍ତି ବା placement ହାର କେତେ ଏବଂ ଜାତୀୟ ସ୍ତରରେ ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି କ'ଣ ?

----

## ଭତ୍ତା ବୃଦ୍ଧି ପାଇଁ ପଦକ୍ଷେପ

*111 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବରିଷ୍ଠ ନାଗରିକ ବିଧବା ଏବଂ ଭିନ୍ନକ୍ଷମ ଲୋକମାନଙ୍କୁ ମାସିକ କେତେ ଲେଖାଏଁ ଭତ୍ତା ଦେଉଛନ୍ତି ବର୍ତ୍ତମାନ ରାଜ୍ୟ ସରକାର କେଉଁ ଯୋଜନାରେ କେତେ କେତେ ରଣ ପ୍ରଦାନ କରୁଛନ୍ତି ରାଜ୍ୟ ସରକାର ବର୍ତ୍ତମାନ ଏ ଭତ୍ତାକୁ 3000.00 ଟଙ୍କାକୁ ବୃଦ୍ଧି କରିବାକୁ ଚିନ୍ତା କରୁଛନ୍ତିକି, ଯଦି 'ହଁ' ହୁଏ କେବେ ଠାରୁ ଏହା କାର୍ଯ୍ୟକ୍ଷମ କରାଯିବ ଏଥିରେ ରାଜ୍ୟରେ କେତେ ଅଧିକ ରାଜସ୍ୱ ଖର୍ଚ୍ଚହେବ ?

----

## ଶିକ୍ଷାର ମାନ ବୃଦ୍ଧି ଓ ମେଧାବୀ ଶକ୍ତିର ବିକାଶ

*112 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚତମ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ବିଗତ ପାଞ୍ଚ ବର୍ଷରେ ମାଟ୍ରିକୁଲେସନ୍, ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଜିଲ୍ଲାର ବିଦ୍ୟାର୍ଥୀମାନଙ୍କ ସଫଳତା ହାର ଦର୍ଶାଇ ଜିଲ୍ଲାରେ ଶିକ୍ଷାର ମାନ ବୃଦ୍ଧି କରି ବିଦ୍ୟାର୍ଥୀଙ୍କ ମେଧାଶକ୍ତିର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ଗବେଷଣା ଭିତ୍ତିଭୂମି ଉନ୍ନୟନ

*113 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ଗବେଷଣା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ MOU ସ୍ୱାକ୍ଷରିତ

***114 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ 10 ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା MOU ସ୍ୱାକ୍ଷରିତ କରିଥିବା କେତେ ସଂସ୍ଥା ଇତିମଧ୍ୟରେ ଓହରି ଯାଇଛି, ସେମାନଙ୍କୁ ଆବଣ୍ଟିତ ହୋଇଥିବା ଜମିର ସ୍ଥିତି କ'ଣ ରହିଛି ସେହି ଜମି ଫେରାଇ ଆଣିବାକୁ ବର୍ତ୍ତମାନ ସରକାରଙ୍କ କି ଉଦ୍ୟମ ରହିଛି, ଏହାର ବିବରଣୀ ପ୍ରଦାନ କରିବେ କି ?

----

## Construction of more numbers of Hostels for SC / OBC students.

***115 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In order to provide residential education for SC, OBC and Minorities students in the State, How many special hostels have been constructed in different Schools / HSS and indicate the percentage of residential facilities available for each category of students District wise, Basing on the less percentage of residential facilities. Is the Govt. considering construction of more number of Hostels for SC, OBC and Minorities students to provide quality residential education to more students.

----

## ରାଜ୍ୟରେ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକ ପୁନଃ ପ୍ରଚଳନ

***116 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି, ବର୍ତ୍ତମାନ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକୁ ରାଜ୍ୟ ସରକାର ଖୋଲିବେ ବୋଲି ବିବୃତି ଦେଇଛନ୍ତିକି, ଏପରି ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକୁ ଚଳିତ ଶିକ୍ଷା ବର୍ଷରେ ଖୋଲିବାର କେବେସୁଦ୍ଧା ଯୋଜନା ରଖିଛନ୍ତି ଜିଲ୍ଲାୱାରୀ ତଥ୍ୟ ରଖିବେ କି ?

----

## ଖାଲିଥିବା ଅଧ୍ୟାପକ ପଦବୀ ପୂରଣ

***117 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଥିବା ସରକାରୀ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ କେଉଁ କେଉଁ ବିଭାଗରେ କେତେ କେତେ ଅଧ୍ୟାପକ ପଦବୀ ଖାଲି ରହିଛି, ତା'ର ଏକ ପୂର୍ଣ୍ଣାଙ୍ଗ ବିବରଣୀ ଦେବେ କି, (ଖ) ଏହି ଖାଲି ପଡିଥିବା ଶିକ୍ଷକ ପଦବୀ ଗୁଡିକର ପୂରଣ ନିମିତ୍ତ କି କି ପଦକ୍ଷେପ ଗ୍ରହଣ କରାଯାଇଛି କହିବେ କି ?

----

## ଗୋପାଳପୁର ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା

*118 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୋପାଳପୁର ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ବିଗତ ସରକାର ପ୍ରାୟ 3500 ଏକର ଜମି ଅଧିଗ୍ରହଣ କରିଛନ୍ତି, ସରକାର ସେଇ ଜମିକୁ କିଭଳି ବିନିଯୋଗ କରିବେ ଏବଂ ନିକଟ ଭବିଷ୍ୟତରେ ଆଉ କେତୋଟି କମ୍ପାନୀ ହେବାର ପ୍ରସ୍ତାବ ରହିଛି ଏବଂ କେତେ ପ୍ରତିଶତ ଭୂମିହୀନ ମାନଙ୍କୁ କମ୍ପାନୀ ନିଯୁକ୍ତି ପ୍ରଦାନ କରିଛନ୍ତି ଓ ସେଥିମଧ୍ୟରୁ ସ୍ଥାନୀୟ ଯୁବକ ଯୁବତୀଙ୍କ ସଂଖ୍ୟା କେତେ ?

----

## Khariar Block ରେ କାର୍ଯ୍ୟରତ Teaching & Non-Teaching Staff

*119 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Khariar Block ଅନ୍ତର୍ଗତ Palli Pragati Higher Secondary School Duwelpada ରେ ମୋଟ କେତେଗୋଟି Teaching ଏବଂ Non-Teaching Staff କାର୍ଯ୍ୟ କରୁଛନ୍ତି ଏହାର ନାମ ଠିକଣା ସହ ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି Teaching ଏବଂ Non-Teaching Staff College ରେ କାର୍ଯ୍ୟ ନକରି (Salary) ଦରମା ନେଉଥିବା ଜାଣନ୍ତି କି, ଏବଂ ଏହି ବିଦ୍ୟାଳୟରେ Library Book କିଣା ଏବଂ Sports material କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜାଣନ୍ତି କି ଏବଂ ଏହି ଦୁର୍ନୀତିର High Level ତଦନ୍ତ କରାଇବେ କି ?

----

## କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ଅନ୍ୟତ୍ର ବଦଳୀ

*120 **ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ (ରେମୁଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଉଚ୍ଚଶିକ୍ଷା ବିଭାଗର କୌଣସି ମତାମତ ନନେଇ ଯଦି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିଜସ୍ୱ ଆଦେଶ ସଂଖ୍ୟା ୭୨୫୧, ତା.୬.୦୭.୨୦୨୩ ମାଧ୍ୟମରେ ୨୨ ଜଣ HoD କ୍ୟାଡର୍ କର୍ମଚାରୀଙ୍କ ଆନ୍ତଃ ନିର୍ଦ୍ଦେଶାଳୟ କାର୍ଯ୍ୟାନ୍ତର ଘୋଷଣା କରିଥିଲେ, ତେବେ ଉଚ୍ଚଶିକ୍ଷା ବିଭାଗ ସେହି ଆଦେଶ ଅନୁଯାୟୀ ୧୩ଜଣ କର୍ମଚାରୀଙ୍କର ମଧ୍ୟରୁ ୭ ଜଣଙ୍କ ପାଇଁ ବଦଳି ନିୟମ କାର୍ଯ୍ୟକାରୀ କରିବା ସମୟରେ ଅନ୍ୟ ୫ ଜଣଙ୍କ ପାଇଁ ସେହି ଆଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ କାହିଁକି ; (ଖ) କୋର୍ଟ କେସ୍ ଓ ପେନସନ୍ କେସ୍ ରେ କାର୍ଯ୍ୟରତ କର୍ମଚାରୀ ମାନଙ୍କର ବଦଳି ପାଇଁ ସରକାରଙ୍କର କୌଣସି ସ୍ୱତନ୍ତ୍ର ନିର୍ଦ୍ଦେଶନାମା ରହିଛି କି ?

----